# ସତ୍ୟପ୍ରକାଶ

# THE VOICE OF TRUTH

**May & June 1997**

**AN ORIYA BIMONTHLY BULLETIN**
**PUBLISHED BY THE CHURCH OF CHRIST**

# The Voice of Truth

CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722

**Vol. 2 May & June 1997 No. 3**

Published every two months in Oriya Language for the Restoration of pur New Testament Christianity

## ORIYA BIBLES

We supply Oriya Bibles at Rs. 35/- each and Rs. postage. please send Rs. 50/- by M.O. if you are in of Oriya Bibles to:

**SATYA VANI**

P.O. Box. 80, KAKINADA - 533 001.

# ସତ୍ୟ ବାଣୀ
# VOICE OF TRUTH

*9th issue* — *May - June 1997*


## ସୁସମାଚାରର ଶକ୍ତି
## ( The Power of the Gospel )

ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, ମୁଁ ସୁସମାଚାରର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ । ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୁଦୀ ପକ୍ଷରେ, ଆଉ ମଧ୍ୟ ଗ୍ରୀକ୍ ପକ୍ଷରେ । ସେଥିରେ ତ ଈଶ୍ୱରଦତ୍ତ ଧାର୍ମିକତା ପ୍ରକାଶିତ ହୋଇଅଛି । ତାହା ବିଶ୍ୱାସ ମୂଳକ ଓ ବିଶ୍ୱାସଜନକ ଯେପରି ଲେଖାଅଛି । ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ ।" (ରୋମୀୟ ୧:୧୬,୧୭) ଏହି ଦୁଇ ବାକ୍ୟ ସୁସମାଚାରର ଶକ୍ତିର ନିଗୂଢ଼ ତତ୍ତ୍ୱ ପ୍ରକାଶ [illegible]ର, ତାହା କଅଣ ସୂକ୍ଷ୍ମରୂପେ ବିଶ୍ଳେଷଣ କରି ବୁଝିବା ।

ସୁସମାଚାରର ଅର୍ଥ କଅଣ ? ପରିତ୍ରାଣ ଦାୟକ ସୁସମାଚାରର ନିମନ୍ତେ ସେ ଲଜ୍ଜିତ ନୁହନ୍ତି ବୋଲି ପ୍ରେରିତ ପାଉଲ ନିର୍ଭୟରେ ବ୍ୟକ୍ତ କରନ୍ତି । ତାହା କେବଳ ନୁହେଁ, ଏହି ସୁସମାଚାର ଦ୍ୱାରା ପରମେଶ୍ୱରଙ୍କ ଧାର୍ମିକତା ପ୍ରକଟିତ ହୁଏ । ଅତଏବ ସୁସମାଚାରର ସନ୍ଧାନ ପାଇବା ଦ୍ୱାରା ଈଶ୍ୱରଙ୍କ ଶକ୍ତି ଓ ଧାର୍ମିକତାର ସନ୍ଧାନ ପାଇପାରିବ ।

୧ମ କରିନ୍ଥୀ ୧୫:୧-୪ ପଦ ଗୁଡ଼ିକରେ କୁହାଯାଏ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚାର ପ୍ରଚାର କର-

ଥିଲି, ଯାହା ତୁମ୍ଭେମାନେ ଗ୍ରହଣ କରିଥିଲ, ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛ ମୁଁ କେଉଁ ପ୍ରକାରେ ତୁମ୍ଭମାନଙ୍କ ନିକଟରେ ତାହା ପ୍ରଚାର କରିଥିଲି, ଏହା ତୁମ୍ଭେମାନେ ତାହା ଦୃଢ଼ ଭାବରେ ଧରିଥାଅ, ତେବେ ତାହା ଦ୍ୱାରା ପରିତ୍ରାଣ ପାଉଅଛ, ନୋହିଲେ ତୁମ୍ଭେମାନେ ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ । କାରଣ ଯେଉଁ ୨ ଶିକ୍ଷା ମୁଁ ପାଇଥିଲି, ସେଥି ମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି, ଯଥା, ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧି ପ୍ରାପ୍ତ ହେଲେ, ଶାସ୍ତ୍ରଅନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ ” ଏହି ପଦ ଗୁଡ଼ିକରୁ ଯୀଶୁ ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନରୁତ୍ଥାନ ସୁସମାଚାର ଅଟେ ବୋଲି ଜାଣି ପାରୁ । ପାଉଲ ସେହି ସୁସମାଚାର ଗ୍ରହଣ କରେ, ପ୍ରଚାର କଲେ ଏବଂ ପ୍ରଚାରିତ ବାକ୍ୟ ଗ୍ରହଣକାରୀ ପ୍ରତ୍ୟେକ ପରିତ୍ରାଣ ପ୍ରାପ୍ତ ହେଲେ ବୋଲି ସେ କରିନ୍ଥୀ ମାନଙ୍କୁ ସୁସ୍ପଷ୍ଟ କରନ୍ତି ।

ଯୀଶୁଖ୍ରୀଷ୍ଟଙ୍କ ମରଣ ସମାଧି ଓ ଉତ୍‌ଥାନ ଆମ୍ଭମାନଙ୍କୁ କିପରି ପରିତ୍ରାଣ ଦେଇ ପାରେ? ଅର୍ଥାତ୍ ତାହାଙ୍କ ମରଣ, ସମାଧି ଓ ଉତ୍‌ଥାନର ପ୍ରଭାବ ଆମ୍ଭମାନଙ୍କ ଜୀବନକୁ କିପରି ପ୍ରଭାବିତ କରି ପାରେ ? ତାହାର ଉତ୍ତର ସେ ରୋମୀୟ ଷଷ୍ଠମ ଅଧ୍ୟାୟରେ ବ୍ୟକ୍ତ କରନ୍ତି । ବାପ୍ତିଜିତ ପ୍ରତ୍ୟେକ ବ୍ୟକ୍ତି ତାହାଙ୍କ ମରଣ ଓ ସମାଧି ସାଦୃଶ୍ୟରେ ଜଳରେ ସମାଧିପ୍ରାପ୍ତ ହୋଇ, ଜୀବନରେ ନୂତନ ଭାବରେ ଆଚରଣ କରିବାକୁ ଉତ୍ଥିତ ହୋଇ ଅଛନ୍ତି । ତାହାଙ୍କ ଆଜ୍ଞାପାଳନ କରେ ବାପ୍ତିଜିତ ହେବା ଦ୍ୱାରା ତାହାଙ୍କ ମରଣ, ସମାଧି ଓ ଉତ୍‌ଥାନର ପ୍ରଭାବ ଆମ୍ଭମାନଙ୍କୁ ପ୍ରଭାବିତ କରେ । ୧୭ମ ଓ ୧୮ମ ପଦରେ ଲେଖା ଯାଏ, “କିନ୍ତୁ ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ, ତୁମ୍ଭେମାନେ ଯେଉଁମାନେ କି ପୂର୍ବରେ ପାପର ଦାସ ଥିଲ । ଏବେ ଯେଉଁ ଶିକ୍ଷାର ଆଦର୍ଶ ନିକଟରେ ସମର୍ପିତ ହୋଇ ଅଛ । ହୃଦୟ ସହ ସେଥିର ଆଜ୍ଞାବହ ହୋଇଅଛ, ପୁଣି ପାପରୁ ମୁକ୍ତ ହୋଇ ଧାର୍ମିକତାର ଦାସ ହୋଇଅଛ ।” ପାପର ଦାସତ୍ୱରୁ ଧାର୍ମିକତାର ଦାସତ୍ୱକୁ ସେମାନେ କିପରି ପରିବର୍ତ୍ତିତ ହୋଇ ପାରିଥିଲେ ? ସମର୍ପିତ ଶିକ୍ଷାର ଆଦର୍ଶର ଆଜ୍ଞାବହ ହେବା ଦ୍ୱାରା । ସେମାନେ ଶିକ୍ଷାର

ଆଜ୍ଞାବହ ନ ହୋଇ, ଶିକ୍ଷାର ଆଦର୍ଶ ର ଆଜ୍ଞାବହ ହେବାର ଅର୍ଥ କ'ଣ? ଯୀଶୁଙ୍କ ମରଣ, ସମାଧି ଓ ଉତ୍‌ଥାନର ସାଦୃଶ୍ୟରେ ଆମ୍ଭେମାନେ ଜଳରେ ବାପ୍ତିଜିତ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ଶିକ୍ଷାର ଆଦର୍ଶ ର ଆଜ୍ଞାବହ ହୋଇଥଉଁ ।

ସୁସମାଚାର ଅମାନ୍ୟକାରୀ ମାନଙ୍କୁ ପ୍ରତିଫଳ ଦେବା ନିମନ୍ତେ ଯୀଶୁଖ୍ରୀଷ୍ଟ ପୁନର୍ବାର ଆସିବେ ବୋଲି ଥେସଲନୀକୀ ମଣ୍ଡଳୀକୁ ସତର୍କ କରନ୍ତି । (୨ୟ ଥେସଲନୀକୀ ୪:୧୭) "କାରଣ ଈଶ୍ୱରଙ୍କ ଗୃହଠାରୁ ଆରମ୍ଭ କରି ବିଚାର ସମୟ ଉପସ୍ଥିତ, ଆଉ ଯଦି ପ୍ରଥମରେ ଆମ୍ଭମାନଙ୍କ ଠାରୁ ଆରମ୍ଭ ହୁଏ, ତେବେ ଯେଉଁମାନେ ଈଶ୍ୱରଙ୍କ ଅନାଜ୍ଞାବହ, ସେମାନଙ୍କର ଶେଷଦଶା ଅବା କଅଣ ନ ହେବ ?" (୧ମ ପିତର ୪:୧୭) ତେବେ ଆମ୍ଭେମାନେ ସୁସମାଚାର ଆଜ୍ଞାବହ କିପରି ହୋଇପାରିବା ? ସୁସମାଚାରରେ ସତ୍ୟତା ସାଙ୍ଗେ ଖ୍ରୀଷ୍ଟଙ୍କ ଆଜ୍ଞା ଗୁଡ଼ିକ ସହିତ ସଂଯୁକ୍ତ ହୋଇଅଛି । କାରଣ ଖ୍ରୀଷ୍ଟଙ୍କ ଆଜ୍ଞା କହେ, "ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ଜାତି ନିକଟରେ ସୁସମାଚାର ଘୋଷଣା କର, ଯେ ବିଶ୍ୱାସକରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୫,୧୮) ପିତର ଓ ତାହାଙ୍କ ସଙ୍ଗୀ ଅନ୍ୟ ପ୍ରେରିତଗଣ ପେଣ୍ଟିକଷ୍ଟ ଦିନରେ ଖ୍ରୀଷ୍ଟଙ୍କ ସୁସମାଚାର ଘୋଷଣା ଆରମ୍ଭ କରିଥିଲେ । ତାହାଙ୍କ ପ୍ରସଙ୍ଗରେ ବିଶ୍ୱାସ କରି, ସେ ଦିନ ସମୂହିତ ଲୋକେ ପ୍ରଶ୍ନ କରି ଥିଲେ, "ଭାଇମାନେ, ଆମ୍ଭେମାନେ କଅଣ କରିବା ?" ତେଣୁ ପିତର ସେମାନଙ୍କୁ କହିଲେ, "ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ୨ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ । ତାହାହେଲେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେବ ।" (ପ୍ରେରିତ ୨:୩୭,୨୮) ତତ୍‌ଫଳରେ ତିନି ସହସ୍ର ଲୋକେ ସେ ଦିନ ବାପ୍ତିଜିତ ହୋଇ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ । (ପ୍ରେରିତ ୨:୪୧) । ପ୍ରେରିତ ମାନଙ୍କ ବିବରଣରେ ଏହିପରି ଅନେକ ଦୃଷ୍ଟାନ୍ତ ପଢ଼ି ପାରିବା ।

ଶୁଭ ବିଷୟର ସମାଚାର ରୂପେ ପାଉଲ ସୁସମାଚାରର ସଜ୍ଞା ନିରୂପଣ କରି ଅଛନ୍ତି । (ରୋମୀୟ ୧୦:୧୫) । ସୁସମାଚାରର ଅର୍ଥ ଓ ତାହାର ଉପକାରିତା ବିଷୟରେ ଜ୍ଞାତ ହେଲେ, ତାହା କାହିଁକି ସୁସମାଚାର ବୋଲି ନାମିତ ହୋଇଅଛି ଜାଣିବା କଷ୍ଟକର ହେବ ନାହିଁ । ଏହିପରି ଉତ୍ତମ, ଶୁଭ ଓ ପରିତ୍ରାଣକଙ୍କ ସୁସମାଚାର, ସମୁଦାୟ ଜଗତରେ ସମସ୍ତ ଜାତି ନିକଟରେ ଘୋଷଣା କରିବା ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ । ମାର୍କ ୧୬:୧୫)

ବିଶ୍ୱାସୀ ପ୍ରତ୍ୟେକ ନିମନ୍ତେ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ସୁସମାଚାର ଈଶ୍ୱରଙ୍କ ଶକ୍ତି ଅଟେ । ଏହି ମାଧ୍ୟମ ଦ୍ୱାରା ପରମେଶ୍ୱର ବିନଷ୍ଟ ହେଉଥିବା ଆତ୍ମାର ରକ୍ଷଣା ସଂକଳ୍ପିତ କରିଅଛନ୍ତି । ସୁସମାଚାର ବ୍ୟତୀତ ଜଗତରେ ଆଉ କୌଣସି ଶ୍ରେଷ୍ଠତର ଶକ୍ତି ନାହିଁ । ତାହା ବିଶ୍ୱାସ କରି, ଆଜ୍ଞାବହ ହେବା ଦ୍ୱାରା ଅନନ୍ତ ଜୀବନ ପାଇପାରୁ ।

J. C. Choate

# ଯାତନା କାରକ ଗିବୟୋନ ନିବାସୀ
## ( Trouble with the Gibeonites )

କଣାନୀୟମାନଙ୍କୁ ସମ୍ପୂର୍ଣ୍ଣରୂପେ ବିନାଶ କରିବା ନିମନ୍ତେ ଇଶ୍ରାୟେଲୀୟମାନେ ସଦାପ୍ରଭୁଙ୍କ ଦ୍ୱାରା ଆଦେଶିତ ହୋଇଥିଲେ । (ଦ୍ୱିଃବି ୭:୧-୬, ୨୦:୧୬-୧୭) । କିନ୍ତୁ ଇଶ୍ରାୟେଲୀମାନେ ଏହି ଆଜ୍ଞା ସମ୍ପୂ ରୂପେ ପାଳନ କରିନଥିବାରୁ ସେମାନଙ୍କୁ ଅନେକ କ୍ଳେଶର ସମ୍ମୁଖୀ କରିବାକୁ ପଡିଥିଲା । ବିଜାତିୟମାନଙ୍କ ଦେବତାମାନଙ୍କୁ ଆରାଧନ କରିବା ନିମନ୍ତେ ସେମାନେ ପ୍ରଲୋଭିତ ହୋଇ ସଦାପ୍ରଭୁଙ୍କ ବିରୁଦ୍ଧାଚର କରିଥିଲେ । ଗିବୟୋନମାନଙ୍କୁ ସମ୍ପୂର୍ଣ୍ଣ ବିନାଶ ନ କରିବାର ପ୍ରତିଫଳ ଦାଉଦ ରାଜାଙ୍କ ରାଜତ୍ୱ ସମୟରେ ସେମାନଙ୍କୁ ତିନି ବର୍ଷ ଦୁର୍ଭିକ୍ଷ ଭୋଗି ବାକୁ ପଡ଼ିଥିଲା । ସଦାପ୍ରଭୁଙ୍କ ପରାମର୍ଶ ବିନୁ ଇଶ୍ରାୟେଲର ପ୍ରାଚୀନମାନେ ଗିବୟୋନମାନଙ୍କ ଛଳନାର ଚୁକ୍ତି ରାଜା ଶାଉଲ ଲଙ୍ଘନ କରିଥିବାରୁ ତାହାଙ୍କ ବଂଶଜ ସାତ ପୁରୁଷ ହତ ହୋଇଥିଲେ । ଏହି ସବୁ ଘଟଣାର ବିବରଣ ଆମ୍ଭେମାନେ ଯିହୋଶୂୟ ୯:୧-୫ ଓ ଦ୍ୱିତୀୟ ଶାମୁୟେଲ ୨୧:୧-୧୪ ପଦ ଗୁଡ଼ିକରେ ପଢ଼ିପାରୁ ।

ଛଳନାର ଅସ୍ତ୍ର ଇଶ୍ୱରଙ୍କ ସନ୍ତାନମାନଙ୍କ ବିରୁଦ୍ଧରେ ବ୍ୟବହୃତ ହୋଇଥିଲା । ଯର୍ଦ୍ଦନ ନିକଟସ୍ଥ ପର୍ବତ, ନିଳଭୂମି ନିବାସୀ ଓ ଲିବା- ନୋନ୍ ସମ୍ମୁଖସ୍ଥ ଦେଶମାନଙ୍କ ରାଜାଗଣ ଏକତ୍ର ମିଳି ଇଶ୍ରାୟେଲ ସହି ଯୁଦ୍ଧ କରିବାକୁ ଯୋଜନା କରିବା ସମୟରେ ଗିବୟୋନମାନେ ଆପଣ ମ୍ୟୁ ଇଶ୍ରାୟେଲ ମାନଙ୍କଠାରୁ ସୁରକ୍ଷା ନିମନ୍ତେ ଛଳଯୋଜନା କଲେ ପାଦରେ ପୁରୁଣା ଓ ତାଳିପଡ଼ା ଜୋତା, ଦେହରେ ପୁରୁଣା ଲୁଗା, ଶୁଖିଲ ଓ ଗମରା ରୋଟୀ ନେଇ ରାଜଦୂତ ବେଶ ଧରି ପୁରୁଣା ଅଖା, ପୁରୁଣା ଓ ଚିରା ଗଣ୍ଠିପଡ଼ା ଦ୍ରାକ୍ଷାରସ କୁମ୍ପା ନେଇ ଯିହୋଶୂୟଙ୍କ ନିକଟରେ ଅତି ଦୂରସ୍ଥ ଲୋକ ରୂପେ ଆପଣାକୁ ଉପସ୍ଥାପିତ କଲେ । ଯଦିଓ ଯିରୁ- ଶାଲମରୁ କେବଳ ଛଅ ମାଇଲ ଦୂରରେ ଗିବୟୋନ ଥିଲା । (ଯିହୋ- ଶୂୟ ୯:୧-୬) ।

ଆପଣା ନିକଟସ୍ଥ କୌଣସି ଦେଶ ସହିତ ସନ୍ଧି ବା ଚୁକ୍ତି ନ କରିବା ପାଇଁ ଈଶ୍ରାୟେଲମାନେ ସଦାପ୍ରଭୁଙ୍କ ଦ୍ୱାରା ଆଜ୍ଞାପିତ ହୋଇଥିଲେ । ଗିବୀୟୋନ ଲୋକମାନଙ୍କୁ ଯିହୋଶୂୟ ସେମାନଙ୍କ ପରିଚୟ ମାଗିବାରୁ ସେମାନେ ଉତ୍ତର ଦେଲେ, "... ସଦାପ୍ରଭୁ ଆପଣଙ୍କ ପରମେଶ୍ୱରଙ୍କ ନାମ ସକାଶେ ଆପଣଙ୍କ ଦାସମାନ ଅତି ଦୂରରୁ ଆସି ଅଛନ୍ତି । କାରଣ ତାହାଙ୍କର କୀର୍ତ୍ତି ଓ ସେ ମିସରରେ ଯେ ସମସ୍ତ କର୍ମ କରିଅଛନ୍ତି ... ତାହା ଆମ୍ଭେମାନେ ଶୁଣି ଅଛୁ ।" (ଯିହୋଶୂୟ ୯:୯-୧୦) ସେମାନଙ୍କ ନିକଟରେ ଥିବା ଶୁଖିଲା ଓ ଗମରା ରୋଟୀ, ପୁରୁଣା ଚାଳିଡ଼ା ଜୋତା ପ୍ରଭୃତି ସେମାନଙ୍କ ଦୂରତାର ପ୍ରମାଣରୂପେ ଯିହୋଶୂୟଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ ।

ଉପରିମ ମହାଯାଜକ ଦ୍ୱାରା ସଦାପ୍ରଭୁଙ୍କ ସହିତ ପରାମର୍ଶ ନକରି ( ଗଣନା ୨୭-୨୧ ) ଯିହୋଶୂୟ ଓ ଈଶ୍ରାୟେଲ ଅଧିପତିମାନେ ଗିବୀୟୋନୀୟମାନଙ୍କ ସହିତ ସନ୍ଧି କଲେ ଓ ସେମାନଙ୍କୁ ଜୀବିତ ରଖିବାକୁ ନିୟମ କଲେ । କିନ୍ତୁ ତିନି ଦିନ ଭିତରେ ସେମାନେ ଗିବୀୟୋନମାନଙ୍କ କୂଟ ଜାଣିପାରିଲେ । ସଦାପ୍ରଭୁଙ୍କ ନାମରେ କରାଯାଇଥିବା ଶପଥରେ ସେମାନେ ଅଭୁଟ ରଖି ଯିହୋଶୂୟ ଗିବୀୟୋନ ମାନଙ୍କୁ କାଠ କଟାଳି ଓ ଜଳକଢ଼ାଳୀ ରୂପେ ନିଯୁକ୍ତ କଲେ । (ଯିହୋଶୂୟ ୯ : ୭-୨୭)

ଆମ୍ଭ ନଗରର ପତନ ଓ ବଳିଷ୍ଠଶାଳୀ ଗିବୀୟୋନର ସନ୍ଧିରେ ଯିରୁଶାଲମର ରାଜା ଅତିଶୟ ଭୟଭୀତ ହୋଇ ଅନ୍ୟ ଚାରିଦେଶ ସହିତ ଚୁକ୍ତି କରି, ଗିବୀୟୋନଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଲ । ସେଥିରେ ଗିବୀୟୋନମାନେ ଯିହୋଶୂୟଙ୍କ ଶରଣାଗତ ହେବାରୁ, ସଦାପ୍ରଭୁଙ୍କଠାରୁ ବିଜୟର ଆଶ୍ୱାସନା ପାଇ ଯିହୋଶୂୟଙ୍କ ସୈନ୍ୟ ଯିରୁଶାଲମ ଅଭିମୁଖେ ଯାତ୍ରା କଲେ । "ଏଥିରେ ସେମାନେ ଈଶ୍ରାୟେଲ ସମ୍ମୁଖରୁ ପଳାଉ ୨ ଯେଉଁବେଳେ ବୈଥୋରଣର ଗଡ଼ାଣି ପଥରେ ଉପସ୍ଥିତ ହେଲେ, ସେହିବେଳେ ସଦାପ୍ରଭୁ ଅସେକା ପର୍ଯ୍ୟନ୍ତ ସେମାନଙ୍କ ଉପରେ ଆକାଶରୁ ବଡ଼ ବଡ଼ ଶିଳାବୃଷ୍ଟି କଲେ ତହିଁରେ ସେମାନେ ମଲେ ଈଶ୍ରାୟେଲ

ସନ୍ତାନମାନେ ଖଡ୍ଗରେ ଯେତେ ଲୋକ ବଧ କରିଥିଲେ, ତତୋଧିକ ଲୋକ ଶିଳାବୃଷ୍ଟିରେ ମଲେ । (ଯିହୋଶୂୟ ୧୦ : ୧-୧୦)

ସେଦିନ ଯିହୋଶୂୟଙ୍କ ପ୍ରାର୍ଥନା ଫଳରେ ସୂର୍ଯ୍ୟ ଗିବୀୟୋନ ଉପରେ, ଓ ଚନ୍ଦ୍ର ଅୟାଲୋନ୍‌ର ତଳ ଭୂମିରେ ସ୍ତବ୍ଧ ହେଲା । ତଦ୍ୱାରା ସୈନ୍ୟମାନେ ଶତ୍ରୁମାନଙ୍କୁ ସଂପୂର୍ଣ୍ଣ ରୂପେ ବିନାଶ କରିବାକୁ ସୁଯୋଗ ପାଇଲେ । ଇଶ୍ରାୟେଲମାନେ ଶତ୍ରୁମାନଙ୍କ ପଛରେ ପଛରେ, ଗୋଡ଼ାଇବା ସମୟରେ ପାଞ୍ଚ ଶତ୍ରୁରାଜଗଣ ମକ୍କେଦା ଗୁମ୍ଫାରେ ରଖା ଯାଇଥିଲେ ଯୁଦ୍ଧ ଶେଷ ହେବା ପରେ ସେହି ପାଞ୍ଚ ରାଜାକୁ ବଧ କରି ବୃକ୍ଷରେ ଟଙ୍ଗାଇଲେ ଏବଂ ସୂର୍ଯ୍ୟାସ୍ତ ସମୟରେ ସେମାନଙ୍କ ଶବଗୁଡ଼ିକୁ ଗୁମ୍ଫାରେ ପକାଇ ଦେଇ ଗୁମ୍ଫା ମୁହଁରେ ଏକ ବଡ଼ ପଥର ଗଡ଼ାଇ ଦେଲେ । ଏହିପରି ଭାବେ ସଦାପ୍ରଭୁଙ୍କ ବାହୁବଳ ଦ୍ୱାରା କିଣାନୀୟ ରାଜଗଣଙ୍କୁ ପରାସ୍ତ କରି, ଇଶ୍ରାଏଲମାନେ ସେହି ଦେଶ ହସ୍ତଗତ କରିଥିଲେ ।

ଯିହୋଶୂୟ ଏକାଦଶ ଅଧ୍ୟାୟରେ ଇଶ୍ରାୟେଲମାନେ ଜୟ କରିଥିବା କିଣାନୀୟ ନଗରର ମାନଙ୍କ ବିବରଣୀ ପଢ଼ିପାରୁ । ହାତ୍ସୋରର ରାଜା ଯାବୀନ ଉତ୍ତର ଦିଗସ୍ଥ କେତୋଟି ଦେଶ ସହିତ ସନ୍ଧି କରି, ଇଶ୍ରାୟେଲମାନଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେଲେ । ସଦାପ୍ରଭୁଙ୍କ ଠାରୁ ଆଶ୍ୱାସନା ପାଇ, ଯିହୋଶୂୟ ଓ ତାହାଙ୍କ ସୈନ୍ୟଗଣ ସେହି ଦେଶଗୁଡ଼ିକ ପରାସ୍ତ କରି ହସ୍ତଗତ କରିଥିଲେ ।

GARY. C. HAMPTON

# ପ୍ରତିଫଳ ଦାତା ପରମେଶ୍ୱର
## ( God will repay )

ଈଶ୍ୱରଙ୍କ ବାକ୍ୟ କହେ, "ପ୍ରତିଶୋଧ ନେବା ଆମ୍ଭର ଅଧିକାର, ଆମ୍ଭେ ପ୍ରତିଫଳ ଦେବା' ଯେ ଏହି କଥା କହି ଅଛନ୍ତି, ତାହାଙ୍କୁ ଆମ୍ଭେମାନେ ଜାଣୁ, ପୁନଶ୍ଚ, ପ୍ରଭୁ ଆପଣା ଲୋକମାନଙ୍କର ବିଚାର କରିବେ ।" (ଏବ୍ରୀ ୧୦:୩୦)

ଆମ୍ଭମାନଙ୍କ କର୍ମକୁ ସ୍ଥାୟୀ ପରମେଶ୍ୱର ପ୍ରତିଫଳ ଦେଇ ଥାନ୍ତି । ମନୁଷ୍ୟ ଯାହା ବୁଣେ, ସେହି ଫଳ ପାଏ । ପ୍ରେରିତ ପାଉଲ ଗାଲାତୀ ମଣ୍ଡଳୀକୁ କହନ୍ତି, ଭ୍ରାନ୍ତ ନହୁଅ, ଈଶ୍ୱର ବିଦ୍ରୂପର ପାତ୍ର ନୁହନ୍ତି, କାରଣ ମନୁଷ୍ୟ ଯାହାବୁଣେ, ତାହାହିଁ କାଟିବ । ଯେଣୁ ଯେ ଆପଣା ଶରୀର ଉଦ୍ଦେଶ୍ୟରେ ବୁଣେ, ସେ ଶରୀରରୁ ଉତ୍ପନ୍ନ କ୍ଷୟଣୀୟ ଶସ୍ୟ କାଟିବ, କିନ୍ତୁ ଯେ ଆତ୍ମାଙ୍କ ଉଦ୍ଦେଶ୍ୟରେ ବୁଣେ, ସେ ଆତ୍ମାଙ୍କଠାରୁ ଉତ୍ପନ୍ନ ଅନନ୍ତ ଜୀବନ ଶସ୍ୟ କାଟିବ ।" (ଗାଲାତୀ ୬:୭-୮)

ପ୍ରତ୍ୟେକ ମନୁଷ୍ୟ ଭଲହେଉ ବା ମନ୍ଦହେଉ ସମୟର କୋଳରେ ବହନ ବୁଣି ଚାଲିଛି । ଅସ୍ଥାୟୀ, କ୍ଷଣିକ ଜାଗତିକ ଜୀବନରେ ଫଳ ମଧ୍ୟ ଅସ୍ଥାୟୀ । ପାପର ବେତନ ମୃତ୍ୟୁ କିନ୍ତୁ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାର ଫଳ ଅନନ୍ତ ଜୀବନ । ୨ୟ କରିନ୍ଥୀ ୯:୬ ପଦରେ ପାଉଲ କହନ୍ତି କିନ୍ତୁ ଏହା ସତ୍ୟ ଯେ ଅଳ୍ପ ବୁଣେ, ସେ ମଧ୍ୟ ଅଳ୍ପ କାଟିବ । ଆଉ ଯେ ପ୍ରଚୁର ବୁଣେ, ସେ ମଧ୍ୟ ପ୍ରଚୁର କାଟିବ ।

ମନୁଷ୍ୟମାନଙ୍କ ହିତ ନିମନ୍ତେ କରିଥିବା ସେବା ବ୍ୟତୀତ ଆମ୍ଭେମାନେ ଆଉ କୌଣସି ସ୍ଥାୟୀ ସମ୍ପଦ ଆପଣାମାନଙ୍କ ନିମନ୍ତେ ସଞ୍ଚୟ କରି ନପାରୁ । କେବଳ ଜାଗତିକ ଧନ ସଞ୍ଚୟରେ ଆପଣା ସମସ୍ତ ବିନିଯୋଗ କଲେ, ଆମ୍ଭି କଡାରେ ଧନ ସଞ୍ଚୟ କରି ପାରିବା ନାହିଁ । ପର୍ବତ ଉପଦେଶରେ ଯୀଶୁଖ୍ରୀଷ୍ଟ କହନ୍ତି, "ଯେଉଁ ଠାରେ କୀଟ ଓ କଳଙ୍କ କ୍ଷୟ କରେ ଏବଂ ଚୋରମାନେ ସିନ୍ଧି କାଟି ଚୋରି କରନ୍ତି

ଏହର ପୃଥିବୀରେ ଆପଣା ୨ ନିମନ୍ତେ ଧନ କର ନାହିଁ । ମାତ୍ର ଯେଉଁ ଠାରେ କୀଟ ଓ କଳଙ୍କ ନଷ୍ଟ ନ କରନ୍ତି ଆଉ ଚୋରମାନେ ସିନ୍ଧ କାଟି ଚୋରି ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ୨ ନିମନ୍ତେ ଧନ ସଞ୍ଚୟ କର । କାରଣ ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ମଧ୍ୟ ତୁମ୍ଭର ମନ ।" (ମାଥିଉ ୬:୧୯-୨୨)

ଚତୁର୍ଥରେ, ଆମ୍ଭେମାନେ ଅନ୍ୟମାନଙ୍କୁ ଯେପରି ବିଚାର କରି ଥାଉଁ, ସେହିପରି ଭାବେ ବିଚାରିତ ହୋଇଥାଉଁ । ଯୀଶୁଖ୍ରୀଷ୍ଟ ପର୍ବତ ଉପଦେଶରେ କହନ୍ତି, "ତୁମ୍ଭେମାନେ ଯେପରି ବିଚାରିତ ନ ହେବ, ଏଥିପାଇଁ ବିଚାର କର ନାହିଁ । କାରଣ ଯେଉଁ ବିଚାରରେ ବିଚାର କର, ସେହି ବିଚାରରେ ତୁମ୍ଭେମାନେ ବିଚାରିତ ହେବ । ପୁଣି, ଯେଉଁ ମାପରେ ମାପ ସେହି ମାପରେ ତୁମ୍ଭମାନଙ୍କୁ ମପାଇ ଦିଆଯିବ ।"(ମାଥିଉ ୭:୧-୨) ପୁନଶ୍ଚ ଯୀଶୁ କହିଲେ, "ଦୟାଳୁ ଲୋକେ ଧନ୍ୟ, କାରଣ ସେମାନେ ଦୟାପ୍ରାପ୍ତ ହେବେ ।" (ମାଥିଉ ୫:୭) ଯାକୁବ ଆପଣା ପତ୍ରଦ୍ୱାରା ଆମ୍ଭମାନଙ୍କୁ ସତର୍କ କରି କହନ୍ତି, "କାରଣ ଯେ ଦୟା କରେ ନାହିଁ । ସେ ନିର୍ଦ୍ଦୟରୂପେ ବିଚାରିତ ହେବ, ଦୟା ବିଚାର ଉପରେ ଜୟଧ୍ୱନି କରେ ।" [ଯାକୁବ ୨:୧୩]

ଶେଷରେ, ଆମ୍ଭେମାନେ ଏହି ଜଗତରେ ଯୀଶୁଖ୍ରୀଷ୍ଟଙ୍କ ସହିତ ଯେପରି ଭାବେ ବ୍ୟବହାର କରୁଅଛୁ । ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ସ୍ୱର୍ଗସ୍ଥ ପିତାଙ୍କ ସମ୍ମୁଖରେ ସେହିପରି ଭାବେ ବ୍ୟବହାର କରିବେ । କାରଣ ସେ କହନ୍ତି, "ଅତଏବ, ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବ । ମାତ୍ର ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ଅସ୍ୱୀକାର କରିବ । ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବ ।" [ମାଥିଉ ୧୦:୩୨-୩୩]

ଆମ୍ଭମାନଙ୍କୁ ପ୍ରତ୍ୟେକ ଜଣଙ୍କୁ ନ୍ୟାୟାଧିପତି ପରମେଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଆପଣା ୨ ବେତନ ଗ୍ରହଣ କରିବାକୁ ପଡ଼ିବ । ଆମ୍ଭମାନେ ଇହଲୋକରେ ଆଉ ପରଲୋକରେ ସଞ୍ଚୟ କରିଥିବା

ସମ୍ପଦ ସେ ଆମ୍ଭମାନଙ୍କୁ ପ୍ରଦାନ କରିବେ । ଆମ୍ଭମାନଙ୍କ କର୍ମାନୁଯାୟୀ ପ୍ରତିଫଳଦାତା ପରମେଶ୍ୱରଙ୍କ ନିକଟରେ ଆପଣ କିପରି ସଞ୍ଚୟ କରୁଅଛନ୍ତି ? କାରଣ ମନୁଷ୍ୟ ଯାହା ବୁଣେ ତାହା କାଟେ ଓ ଯାହା ସଞ୍ଚୟ କରେ ତାହାହିଁ ପ୍ରତିଦାନରେ ପାଏ ।

—JOHN STARY

•

## ଈଶ୍ୱରଙ୍କ ବାକ୍ୟ ଚିରନ୍ତନ

ବାଇବଲରେ ଲିଖିତ ଈଶ୍ୱରଙ୍କ ବାକ୍ୟ ସଦାକାଳ ସ୍ଥାୟୀ । ସୃଷ୍ଟିକର୍ତ୍ତା ଅନାଦି ଓ ଅନନ୍ତକାଳ ସ୍ଥାୟୀ ପରମେଶ୍ୱରଙ୍କ ବାକ୍ୟ ଅପରିବର୍ତ୍ତନୀୟ । ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଆମ୍ଭମାନଙ୍କ କଡ଼ାଏ ଏବଂ ଶେଷରେ ସେହି ବାକ୍ୟଦ୍ୱାରା ଆମ୍ଭେମାନେ ବିଚାରିତ ହେବ । ବାକ୍ୟ କହେ, "ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ ଆଉ ତାହାପରେ ବିଚାର ନିରୂପିତ ଅଛି ।" [ଏବ୍ରୀ ୯:୨୭-୨୮] ସରକାରି କର ଓ ମୃତ୍ୟୁ ସଦୃଶ୍ୟ କେହି ବିଚାର ଠାରୁ ଆପଣାକୁ ବଞ୍ଚିତ କରି ନପାରେ ।

ପ୍ରେରିତ ପାଉଲ ଫେଲିକ୍ସଙ୍କୁ "ଧାର୍ମିକତା, ଆତ୍ମସଂଯମ ଓ ଆଗାମୀ ବିଚାର ବିଷୟରେ କଥା କହିବା ସମୟରେ ଫେଲିକ୍ସ ଭୀତ ହୋଇ ଉତ୍ତରଦେଲେ, ବର୍ତ୍ତମାନ ତୁମ୍ଭେ ଯାଅ, ସୁବିଧା ସମୟ ପାଇଲେ ଆମ୍ଭେ ତୁମ୍ଭକୁ ଡକାଇବା ।" [ପ୍ରେରିତ ୨୪:୨୫] । ବିଚାର ଏକ କାଳ୍ପନିକ ଘଟଣା ନୁହେଁ । ଏହି ଜୀବନ ଏକ କ୍ରୀଡ଼ା ପ୍ରତିଦ୍ୱନ୍ଦ୍ୱ ସଦୃଶ୍ୟ । ଜୀବନର ପଥର ଶେଷ ପର୍ଯ୍ୟନ୍ତ ନ ଦୌଡ଼ିଲେ ଆମ୍ଭେମାନେ ପଣ ପାଇ ପାରିବା ନାହିଁ । ଖ୍ରୀଷ୍ଟ ଆମ୍ଭମାନଙ୍କ ଆଦର୍ଶ ଅଟନ୍ତି । ପିତରଙ୍କ ଭାଷାରେ "ଏଥି ନିମନ୍ତେହିଁ ତୁମ୍ଭେମାନେ ଆହୂତ ହୋଇଅଛ, କାରଣ ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ପଦଚିହ୍ନ ଦେଇ ଗମନ କର, ସେଥିପାଇଁ ସେ ମଧ୍ୟ

ତୁମ୍ଭମାନଙ୍କ ନିମନ୍ତେ ଦୁଃଖ ଭୋଗକରି ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇ ଦେଇ ଯାଇ ଅଛନ୍ତି । ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ମୁଖରେ କୌଣସି ଛଳକଥା ନଥିଲା ।" [୧ମ ପିତର ୨:୨୧-୨୨] ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସଦୃଶ୍ୟ ସମ୍ପୂର୍ଣ୍ଣ ସିଦ୍ଧି ଆମ୍ଭେମାନେ ଲାଭ ନ କରି ପାଇଲେ ସୁଦ୍ଧା, ତାହାଙ୍କ ସହଭାଗିତାରେ ସିଦ୍ଧି ଲାଭ ନିମନ୍ତେ ତାହାଙ୍କ ନିର୍ଦ୍ଦେଶିତ ମାର୍ଗରେ ଅଗ୍ରସର ହେଉଁ ।

ଆପଣା ଇଚ୍ଛାନୁଯାୟୀ ଜୀବନ ଯାପନ କରି ଶେଷରେ ବିଚାର ଦିନରେ ଈଶ୍ବରଙ୍କ ବାକ୍ୟ ଦ୍ୱାରା ଧାର୍ମିକ ଗଣିତ ହୋଇ ନପାରୁ । ମୃତ ମନୁଷ୍ୟ ମାନଙ୍କ ଗୁଣଗାନ ଆମ୍ଭେମାନେ କରି ଥାଉଁ, କିନ୍ତୁ ତାହାର ଆତ୍ମା ଈଶ୍ବରଙ୍କ ବାକ୍ୟ ଦ୍ୱାରା ବିଚାର ହୋଇଥାଏ । ଯୋହନ ଲେଖନ୍ତି, "ପୁଣି ମୁଁ କ୍ଷୁଦ୍ର ଓ ମହାନ୍ ସମସ୍ତ ମୃତ ଲୋକଙ୍କୁ ସିଂହାସନର ସମ୍ମୁଖରେ ଠିଆ ହେବାର ଦେଖିଲି ଆଉ ପୁସ୍ତକ ସବୁ ଫିଟାଗଲା, ପୁଣି ଜୀବନ ପୁସ୍ତକ ନାମକ ଆଉ ଗୋଟିଏ ପୁସ୍ତକ ଫିଟାଗଲା, ସେହି ପୁସ୍ତକ ମାନଙ୍କରେ ଲିଖିତ ପ୍ରମାଣେ ମୃତମାନେ ଆପଣା ୨ କର୍ମାନୁସାରେ ବିଚାରିତ ହେଲେ ।" [ପ୍ରକାଶିତ ୨୦:୧୨] । ଏହି ଜୀବନ କାଳରେ ଆପଣା କର୍ମ ତାହାଙ୍କ ବାକ୍ୟ ସହିତ ତୁଳନା ନକଲେ ସେହି ମହାବିଚାର ଦିନରେ କିପରି ରକ୍ଷା ପାଇବେ !

ପ୍ରତ୍ୟେକ ମନୁଷ୍ୟକୁ ଈଶ୍ବରଙ୍କ ବିଚାର ସିଂହାସନ ସମ୍ମୁଖରେ ଠିଆ ହେବାକୁ ପଡ଼ିବ । ନିୟମ ବିହୀନ କ୍ରୀଡ଼ାରେ କିଏ ଭାଗୀ ହେବାକୁ ଇଚ୍ଛା କରିବ ? ସେହିପରି ଜୀବନରୂପ ଏହି କ୍ରୀଡ଼ାରଙ୍ଗର ଈଶ୍ବରଙ୍କ ବାକ୍ୟ ଆମ୍ଭମାନଙ୍କ ନିମନ୍ତେ ପରିମାପ । ତାହାଙ୍କ ନିୟମାନୁଯାୟୀ ଆମ୍ଭେମାନେ ଆଚରଣ ନକଲେ ଅନନ୍ତ ଜୀବନ ରୂପ ପ୍ରତିଫଳ ଲାଭ କରି ପାଇବା ନାହିଁ । ଜାଗତିକ ସୁଖ ଅଭିଳାଷ, ଜାଗତିକ ଜ୍ଞାନ, ଜାଗତିକ ନିୟମ ଅସ୍ଥାୟୀ । ସେସବୁ ଏହି ଜୀବନକୁ ସୁଖଭୋଗ କରିଥାଏ କିନ୍ତୁ ଅନନ୍ତ ଜୀବନକୁ କଢ଼ାଇ ନେଇ ପାରେ ନାହିଁ ।

ନ୍ୟାୟବାନ ପରମେଶ୍ବରଙ୍କ ସମ୍ମୁଖରେ ଆମ୍ଭେମାନେ ଉପସ୍ଥିତ ହେବା ନିମନ୍ତେ ତାହାଙ୍କ ଆଦେଶ ଅନୁସରଣ କରୁଁ । ଏହି ଜୀବନରେ ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ନିମନ୍ତେ ମୂଲ୍ୟବାନ ନହେଲେ, ବିଚାର

ଦିନରେ ପରମେଶ୍ୱରଙ୍କ ସମ୍ମୁଖରେ ଆମ୍ଭମାନଙ୍କ ଆତ୍ମା ମୂଲ୍ୟବାନ ହୋଇବ । ଯୀଶୁ କହନ୍ତି, "ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ, ତାହାର ବିଚାରକର୍ତ୍ତା ଅଛି, ମୁଁ ଯେଉଁ ବାକ୍ୟ କହିଅଛି, ତାହା ଶେଷଦିନରେ ତାହାର ବିଚାର କରିବ ।" [ଯୋହନ ୧୨:୪୮] । ଏହି ଜୀବନକାଳରେ ତାହାଙ୍କ ବାକ୍ୟ ଅନାବଶ୍ୟକ ବୋଲି ଅଗ୍ରାହ୍ୟ କଲେ, ସେହି ବାକ୍ୟ ଦ୍ୱାରା ଆମ୍ଭେମାନେ ବିଚାର ଦିନରେ ବିଚାରିତ ହେବା । ତାହାଙ୍କ ଶିକ୍ଷାକୁ ଏବେ ଆମ୍ଭେମାନେ ଉଲ୍ଲଙ୍ଘନ କଲେ, ସେହି ଶିକ୍ଷା ଆମ୍ଭମାନଙ୍କୁ ବିଚାର କରିବ । "ଏଥିରେ ଚମତ୍କୃତ ହୁଅ ନାହିଁ, କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ ଏବଂ ଯେଉଁମାନେ ସତ୍କର୍ମ କରିଅଛନ୍ତି, ସେମାନେ ଜୀବନର ପୁନରୁତ୍ଥାନ ନିମନ୍ତେ ଓ ଯେଉଁମାନେ ଅସତ୍କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନରୁତ୍ଥାନ ନିମନ୍ତେ ବାହାର ହୋଇ ଆସିବେ । ଏପରି ସମୟ ଆସୁଅଛି ।" [ଯୋହନ ୫:୨୮,୨୯] ।

ମହାବିଚାରରେ ଧାର୍ମିକ ଗଣିତ ହେବା ନିମନ୍ତେ ଈଶ୍ୱରଙ୍କ ବାକ୍ୟ କେବଳ ଏକମାତ୍ର ଅସ୍ତ୍ର । ସୁସମାଚାରରେ ଆଜ୍ଞାବହ ନ ହୋଇ କୌଣସି ମନୁଷ୍ୟ ଧାର୍ମିକ ଗଣିତ ହୋଇ ନପାରେ । ଆପଣ ପ୍ରସ୍ତୁତ ହୋଇ କି ଅବା ଅପ୍ରସ୍ତୁତ ହୋଇ ତାହାଙ୍କ ବିଚାର ସିଂହାସନରେ ଉପସ୍ଥିତ ।

ଜୀବନର ପ୍ରତ୍ୟେକ ସମସ୍ୟାକୁ ବାଇବଲର ବାକ୍ୟ ଦ୍ୱାରା ଆମ୍ଭେମାନେ ସମାଧାନ କରି ପାରିବା । ସର୍ବଶକ୍ତିମାନ ପରମେଶ୍ୱରଙ୍କୁ କୌଣସି କାର୍ଯ୍ୟ ଅସାଧ୍ୟ ନୁହେଁ । ଯିରିମିୟ ଭାବବାଦୀଙ୍କ ସେ କହନ୍ତି "ଆମ୍ଭର ବାକ୍ୟ କି ଅଗ୍ନି ସ୍ୱରୂପ ନୁହେଁ ? ଓ ପାଷାଣ ଖଣ୍ଡବିଖଣ୍ଡକାରୀ ହାତୁଡ଼ି ତୁଲ୍ୟ ନୁହେଁ ?" (ଯିରିମିୟ ୨୩:୨୯) । ଏବ୍ରୀ ପୁସ୍ତକ କର୍ତ୍ତାଙ୍କ ଭାଷାରେ ଈଶ୍ୱରଙ୍କ ବାକ୍ୟ "ଜୀବନ୍ତ କାର୍ଯ୍ୟସାଧକ, ପୁଣି ଦ୍ୱିଧାର ଖଡ୍ଗଠାରୁ ତୀକ୍ଷ୍ଣତର .. ...।" (ଏବ୍ରୀ ୪:୧୨) । ଈଶ୍ୱରଙ୍କ ବାକ୍ୟ ହାତୁଡ଼ି ସଦୃଶ୍ୟ ପାଷାଣ ଖଣ୍ଡବିଖଣ୍ଡ କରେ, ଅଗ୍ନି ସ୍ୱରୂପ ଗ୍ରାସକରେ ଖଡ୍ଗ ସଦୃଶ୍ୟ ଆମ୍ଭମାନଙ୍କ ପ୍ରାଣ, ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ କରେ ।

ବାଇବଲରେ ଲିଖିତ ବାକ୍ୟ ପାଳନହିଁ ଆମ୍ଭମାନଙ୍କୁ ଈଶ୍ୱରଙ୍କ ନିର୍ଘନ୍ତର ଉତ୍ତୀର୍ଣ୍ଣ କରି ପାରିବ । ଜୀବିତ ପରମେଶ୍ବରଙ୍କ ବାକ୍ୟ ଶକ୍ତି ଯୁକ୍ତ ଓ ଜୀବନ୍ତ । "ସଦାପ୍ରଭୁଙ୍କ ବ୍ୟବସ୍ଥା ସିଦ୍ଧ, ପ୍ରାଣର ସ୍ୱାସ୍ଥ୍ୟଜନକ, ସଦାପ୍ରଭୁଙ୍କ ପ୍ରମାଣବାକ୍ୟ ଅଟଳ, ଅଳ୍ପବୁଦ୍ଧିର ଜ୍ଞାନଦାୟକ ।" (ଗୀତ ୧୯:୭) । ସିଦ୍ଧ, ପବିତ୍ର, ଜୀବନ୍ତ ବାକ୍ୟ ଆମ୍ଭମାନଙ୍କୁ ସମସ୍ତ ଉତ୍ତମକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରେ । (୨ୟ ତୀମଥି ୩:୧୭) ତାହାଙ୍କ ବାକ୍ୟ ଆମ୍ଭମାନଙ୍କୁ ଜୀବନ ଓ ଧର୍ମ ପରାୟଣତା ନିମନ୍ତେ ସମସ୍ତେ ଆବଶ୍ୟକୀୟ ବିଷୟ ଦାନକରେ । ଈଶ୍ବରଙ୍କ ବାକ୍ୟରେ ଯୋଗ ବା ବିଯୋଗ କଲେ ଆମ୍ଭେମାନେ ଦଣ୍ଡିତ ହେବୁ । ସିଦ୍ଧ, ପବିତ୍ର, ଜୀବନ ଚିରନ୍ତନ ବାକ୍ୟ ସମସ୍ତ ସୃଷ୍ଟିର ସଂରକ୍ଷକ । ସେହି ଅକ୍ଷୟ, ଅଟଳ ବାକ୍ୟର ଅଜ୍ଞାବହ ହେବାଦ୍ୱାରା ଆମ୍ଭେମାନେ ଇହ ଜଗତ ତଥା ପରଲୋକରେ ଆଶୀର୍ବାଦ ପ୍ରାପ୍ତ ହେବ ।

—*Mariel Wayne Mitchell*

—●—

## ପାପକ୍ଷମାର ଦୁଇଟି ନିୟମ
## ( God's Two Laws of Pardon )

"ବ୍ୟବସ୍ଥା ଲଂଘନ ହିଁ ପାପ" ବୋଲି ପ୍ରେରିତ ଯୋହନ ପାପର ସଜ୍ଞା ନିରୁପଣ କରନ୍ତି । (୧ମ ଯୋହନ ୩:୪) । ଭଲ ଓ ମନ୍ଦର ପାର୍ଥକ୍ୟ ଜାଣିଥିବା ପ୍ରତ୍ୟେକ ପୂର୍ଣ୍ଣ ବୟସ୍କ ବ୍ୟକ୍ତି ପାପ ବିଷୟରେ ଅଜ୍ଞ ନୁହନ୍ତି, କାରଣ ବାକ୍ୟ କହେ, "ସମସ୍ତେ ତ ପାପ କରିଅଛନ୍ତି । ପୁଣି ଈଶ୍ବରଙ୍କ ଗୌରବରହିତ ହୋଇଅଛନ୍ତି ।" (ରୋମୀୟ ୩:୨୩) ବାପ୍ତିଜିତ ହୋଇ ଯୀଶୁଖ୍ରୀଷ୍ଟଙ୍କ ରକ୍ତରେ ଆପଣା ୨ ପାପ ଧୌତ ହୋଇଥିବା ଲୋକେ ମଧ୍ୟ ପାପର ପ୍ରଲୋଭନରୁ ମୁକ୍ତ ନୁହନ୍ତି । ଯୋହନ ଆପଣା ପ୍ରଥମ ପତ୍ର ଦ୍ୱିତୀୟ ଅଧ୍ୟାୟ ଏହି ସତର୍କ ବାକ୍ୟ ଦ୍ୱାରା ଆରମ୍ଭ କହନ୍ତି, "ହେ ମୋହର ବତ୍ସଗଣ, ତୁମ୍ଭେମାନେ ଯେପରି ପାପ ନକର,

ଏଥିନିମନ୍ତେ ମୁଁ ଏହି ସବୁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି । କିନ୍ତୁ କେହି ଯଦି ପାପ କରେ, ତାହାହେଲେ ପିତାଙ୍କ ସମ୍ମୁଖରେ ଆମ୍ଭମାନଙ୍କର ଜଣେ ସପକ୍ଷ ବାଦୀ ଅଛନ୍ତି, ସେହି ଧାର୍ମିକ ଯୀଶୁଖ୍ରୀଷ୍ଟ । ଆଉ ସେ ଆମ୍ଭମାନଙ୍କ ପାପ ନିମନ୍ତେ, କେବଳ ଆମ୍ଭମାନଙ୍କ ପାପ ନିମନ୍ତେ ନୁହେଁ, ମାତ୍ର ସମସ୍ତ ଜଗତର ପାପ ନିମନ୍ତେ ମଧ୍ୟ ପ୍ରାୟଶ୍ଚିତ୍ତ ସ୍ୱରୂପ ଅଟନ୍ତି ।"

ଯଦିଓ ପାପକ୍ଷମା ମନୁଷ୍ୟମାନଙ୍କ ନିମନ୍ତେ ପରମେଶ୍ୱରଙ୍କ ଅନୁଗ୍ରହ ଦାନ, ପାପୀ ମନୁଷ୍ୟକୁ ତଥା ବାପ୍ତିଜିତ ଖ୍ରୀଷ୍ଟିୟାନମାନଙ୍କୁ ତାହା ପ୍ରାପ୍ତହେବା ନିମନ୍ତେ କେତୋଟି ସର୍ତ୍ତପାଳନ କରିବା ଆବଶ୍ୟକ । କିନ୍ତୁ ଏହି ଦୁଇ ବର୍ଗର ଲୋକମାନଙ୍କ ନିମନ୍ତେ ନିରୂପିତ ସର୍ତ୍ତଗୁଡ଼ିକ ଏକ ନୁହେଁ ।

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ସ୍ୱର୍ଗାରୋହଣ ପୂର୍ବେ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇ କହିଲେ, "......ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର । ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ । କିନ୍ତୁ ଯେ ଅବିଶ୍ୱାସକରେ, ସେ ଦଣ୍ଡାଜ୍ଞା ପାଇବ । [ମାର୍କ ୧୬.୧୫,୧୬] ଏହି ଶ୍ରେଷ୍ଠତମ ଆଜ୍ଞା ଲୂକଙ୍କ ଲେଖାରେ ଏହିପରି ଭାବେ ବ୍ୟକ୍ତକରାଯାଏ, "ପୁଣି ଯିରୂଶାଲମଠାରୁ ଆରମ୍ଭ କରି ସମସ୍ତ ଜାତିଙ୍କ ନିକଟରେ ତାହାଙ୍କ ନାମରେ ପାପକ୍ଷମା ନିମନ୍ତେ ମନପରିବର୍ତ୍ତନ ପ୍ରସଙ୍ଗ ଘୋଷଣା କରାଯିବ।" (ଲୂକ ୨୪:୪୭) ।

ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ପ୍ରମାଣେ ତାହାଙ୍କ ଶିଷ୍ୟବୃନ୍ଦଙ୍କର ସୁସମାଚାର ଘୋଷଣା ପ୍ରତିଫଳେ ଅନେକଙ୍କ ପରିବର୍ତ୍ତିତ ହେବାର ଘଟଣାବଳୀ ପ୍ରେରିତମାନଙ୍କ କାର୍ଯ୍ୟର ବିବରଣରେ ପୁସ୍ତକରେ ପଢ଼ିପାରୁ ଥାଉଁ । ଏହି ପୁସ୍ତକର ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣିତ ଘଟଣାବଳୀରୁ, ପାପୀ ମନୁଷ୍ୟ ତଥା ପଥଭ୍ରଷ୍ଟ ଖ୍ରୀଷ୍ଟିୟାନମାନଙ୍କ ପାପକ୍ଷମାର ଦୁଇଟି ନିୟମାବଳୀ ବିଷୟରେ ଜାଣିପାରୁ । ସୁସମାଚାର ପ୍ରଚାରକ ଫିଲିପ୍‌ସ ଶମିରୋଣରେ ଯାଇ ସେଠାରେ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ । ତାହାଙ୍କ କୃତ ଅଦ୍ଭୁତ କର୍ମ ବିବିଧ ଶକ୍ତିର କାର୍ଯ୍ୟ ଦ୍ୱାରା ତାହାଙ୍କ ପ୍ରଚାରିତ

ସୁସମାଚାର ମୁଦ୍ରାଙ୍କିତ ହୋଇଥିଲା । [ଏବ୍ରୀ ୨:୩-୪] । ଏଥିପୂର୍ବ ଯାଦୁ-କର ଶିମୋନକୁ ଅନୁସରଣ କରୁଥିବା ଶମିରୋଣୀୟମାନେ, ଫିଲିପ୍‌ସଙ୍କ ପ୍ରଚାରରେ ମନୋଯୋଗୀ ହେଲେ, ଲେଖାଯାଏ, "…. ପୁଣି, ଫିଲିପ୍‌ସ ଶମିରୋଣର ପ୍ରଧାନ ନଗରକୁ ଯାଇ ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କୁ ଘୋଷଣା କରିବାକୁ ଲାଗିଲେ । ଆଉ ଲୋକ ସମୂହ ଫିଲିପ୍‌ଙ୍କ କଥା ଶୁଣି ଓ ତାଙ୍କ କୃତ ଆଶ୍ଚର୍ଯ୍ୟ କର୍ମସବୁ ଦେଖି ଏକଚିତ୍ତରେ ତାଙ୍କ କଥାରେ ମନୋଯୋଗ କରୁଥିଲେ । କାରଣ ଅଶୁଚି ଆତ୍ମା ଗ୍ରସ୍ତ ଅନେକ ଲୋକଙ୍କଠାରୁ ସେହି ଆତ୍ମାଗୁଡ଼ାକ ଉଚ୍ଚସ୍ୱରରେ ଚିତ୍କାର କରି ବାହାରି ଆସିବାକୁ ଲାଗିଲେ, ପୁଣି ଅନେକ ପକ୍ଷାଘାତ ରୋଗୀ ଓ ଖଞ୍ଜସୁସ୍ଥ ହେଲେ । ସେଥିରେ ସେହି ନଗରରେ ମହାଆନନ୍ଦ ହେଲା । କିନ୍ତୁ ଶିମୋନ ନାମକ ଜଣେ ଲୋକ ଏଥିପୂର୍ବେ ସେହି ନଗରରେ କୁହୁକ କର୍ମ କରି ନିଜକୁ ଜଣେ ମହାପୁରୁଷ ବୋଲି କହି ଶମିରୋଣୀୟ ଜାତିକୁ ଆଚ-ମ୍ବିତ କରୁଥିଲା । ଈଶ୍ୱରଙ୍କ ଯେଉଁ ଶକ୍ତିକୁ ମହାନ୍ ବୋଲି କୁହାଯାଏ, ସାନଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏ ସେହି ବୋଲି କହି ତାହାକୁ ମାନ୍ୟ କରୁଥିଲେ । ସେମାନେ ତାହାକୁ ମାନ୍ୟ କରୁଥିବାର କାରଣ ଏହି ଯେ, ସେ ବହୁକାଳ ହେଲା ନିଜ କୁହୁକ କର୍ମଦ୍ୱାରା ସେମାନଙ୍କୁ ଆଚମ୍ବିତ କରି ଥିଲା । କିନ୍ତୁ ଫିଲିପ୍‌ସ ଈଶ୍ୱରଙ୍କ ରାଜ୍ୟ ଓ ଯୀଶୁଖ୍ରୀଷ୍ଟଙ୍କ ନାମ ବିଷୟକ ସୁସମାଚାର ପ୍ରଚାର କରିବାରୁ ସେମାନେ ଯେତେବେଳେ ତାଙ୍କ କଥାରେ ଶ୍ୱାସ କଲେ, ସେତେବେଳେ ପୁରୁଷ ଓ ସ୍ତ୍ରୀ ଉଭୟ ବାପ୍ତିଜିତ ହେବାକୁ ଲାଗିଲେ ।" (ପ୍ରେରିତ ୮:୫-୧୨) ।

ଶମିରୋଣରେ ଲୋକମାନେ ଯେ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରି ଛନ୍ତି, ଏହା ଯେତେବେଳେ ଯିରୂଶାଲମରେ ଥିବା ପ୍ରେରିତ ମାନେ ଲେ ସେତେବେଳେ ସେମାନେ ପିତର ଓ ଯୋହନଙ୍କୁ ସେମାନଙ୍କ ପଠାଇଲେ । ସେମାନଙ୍କ ପ୍ରାର୍ଥନା ଫଳରେ ଶମିରୋଣୀର ନେ ପବିତ୍ର ଆତ୍ମା ପ୍ରାପ୍ତ ହେଲେ । "ପ୍ରେରିତମାନଙ୍କ ହସ୍ତାର୍ପଣ ଦତ୍ତ ହେଉଅଛନ୍ତି, ଏହା ଦେଖି ଶିମୋନ ସେମାନଙ୍କୁ ଟଙ୍କା ଲି, ମୋତେ ମଧ୍ୟ ଏହି ଶକ୍ତି ଦିଅନ୍ତୁ । ଯେପରି ମୁଁ ଯେକୌଣସି ପରେ ହସ୍ତାର୍ପଣ କରିବି, ସେ ପବିତ୍ର ଆତ୍ମା ପାଇବ ।" :୧୮-୧୯) ଶମିରୋଣରେ ସୁସମାଚାର ପ୍ରଚାର ହେବା ସମୟରେ ନ ଅନ୍ୟମାନଙ୍କ ସଦୃଶ୍ୟ ବାକ୍ୟ ଶୁଣି, ବିଶ୍ୱାସକରି, ମନପରିବର୍ତ୍ତନ ସ୍ୱୀକାର କରି ବାପ୍ତିଜିତ ହେବା ସମୟରେ ତାହାଙ୍କ ଜୀବନର ମନ ଧୌତ ହୋଇ ଯାଇଥିଲା । [୮:୧୨-୧୩] । କିନ୍ତୁ ପୁନର୍ଜନ୍ମ ତା

ଖ୍ରୀଷ୍ଟିୟାନ ଶିମୋନ ଏଠାରେ ପାପର ପ୍ରଲୋଭନରେ ପଡ଼ିଯିବା ବିଷୟ ଆମ୍ଭେମାନେ ପଢ଼ିପାରୁଅଛୁ । ପାପରୁ ଧୌତ, ଖ୍ରୀଷ୍ଟିୟାନ ପୁନର୍ବାର ପାପରେ ପଡ଼ିଲେ, ସେମାନଙ୍କ ରକ୍ଷାର ମାର୍ଗ କଅଣ ପିତର ଆମ୍ଭମାନଙ୍କୁ ୨୨ତମ ପଦରେ କହନ୍ତି, "ତୁମ୍ଭର ଏହି ଦୁଷ୍ଟତାରୁ ମନ ପରିବର୍ତ୍ତନ କରି ପ୍ରଭୁଙ୍କ ଠାରେ ପ୍ରାର୍ଥନା କର, କେଜାଣି ଅବା ତୁମ୍ଭ ହୃଦୟର କଳ୍ପନା କ୍ଷମା ହୋଇପାରେ ।"

ଯୀଶୁଖ୍ରୀଷ୍ଟଠାରେ ବିଶ୍ୱାସକରି ତାହାଙ୍କୁ ପରିଧାନ କରିଥିବା ଶିମୋନ (ଗାଲତି ୩:୨୬-୨୭) ପୁନର୍ବାର ବାପ୍ତିଜିତ ହେବା ଆବଶ୍ୟକ ନାହିଁ । କିନ୍ତୁ ଆପଣା ଦୁଷ୍ଟତାରୁ ମନପରିବର୍ତ୍ତନ କରି, ପ୍ରଭୁଙ୍କଠାରେ କ୍ଷମାପାପ ପ୍ରାର୍ଥନା କରିବା ନିମନ୍ତେ ପିତର ତାହାଙ୍କୁ ଆଦେଶ ଦେଇ ଥିଲେ । ପରମେଶ୍ୱରଙ୍କ ଠାରେ କ୍ଷମାପାପର ପ୍ରାର୍ଥନାର ଅର୍ଥ, ତାହାଙ୍କ ଠାରେ ଆମ୍ଭମାନଙ୍କ କୃତ ପାପସକଳ ସ୍ୱୀକାର କରିବା, ଏବଂ "ଯଦି ଆମ୍ଭେମାନେ ଆପଣା ୨ ପାପ ସ୍ୱୀକାର କରୁ ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରି-ବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଛନ୍ତି ।" [୧ମ ଯୋହନ ୧:୯] ।

ଏହି ଘଟଣାରୁ ପରମେଶ୍ୱରଙ୍କ ପାପକ୍ଷମାର ବିଶିଷ୍ଟ ନିୟମ ଜ୍ଞାତ ହେଉଁ । ଯାଦୁଗର ଶିମୋନ ଈଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହେବ ଦ୍ୱାରା ଆପଣା ପାପରୁ ମୁକ୍ତହୋଇ ଈଶ୍ୱରଙ୍କ ସନ୍ତାନ ରୂପେ ଗଣି ହୋଇଥିଲେ । ଈଶ୍ୱରଙ୍କ ସନ୍ତାନ ରୂପେ ପରିଗଣିତ ଶିମୋନଙ୍କୁ ପାପ ପ୍ରଲୋଭନର ପ୍ରତିଫଳରୁ ମୁକ୍ତ ହେବା ନିମନ୍ତେ "ମନପରିବର୍ତ୍ତନ" "ପ୍ରାର୍ଥନା"ର ଆବଶ୍ୟକତା ପଡ଼ିଥିଲା ।

ଭଲ ମନ୍ଦର ପାର୍ଥକ୍ୟ ବୁଝିପାରୁଥିବା ପ୍ରତ୍ୟେକ ପର୍ଣ ମନୁଷ୍ୟ ଈଶ୍ୱରଙ୍କ ନିକଟରେ ପାପୀ । ତାହାଙ୍କ ଦତ୍ତ ପ୍ରଥ ଯୋଜନାନୁଯାୟୀ ପାପ ମନୁଷ୍ୟ ତାହାଙ୍କ ବାକ୍ୟ ଶ୍ରବଣ କରି, ମନପରିବର୍ତ୍ତନ କରି, ସ୍ୱୀକାର କରି ବାପ୍ତିଜିତ ପାପକ୍ଷମା ପାଇଥାଏ । ପାପରୁ ମୁକ୍ତ ଖ୍ରୀଷ୍ଟିୟାନ ପୁନର୍ବା ଆପଣା ପାପରୁ ମନପରିବର୍ତ୍ତନ କରି, ପରମେଶ୍ୱରଙ୍କ ଠା କରିବା ଆବଶ୍ୟକ । ଏହା ପରମେଶ୍ୱରଙ୍କ ପାପକ୍ଷମାର ବି

—*Rod Ruthe*

—●—

# SOME THINGS THAT SHOULD BE FOUND IN EVERY HOME

## PROV. 22:6

)UCTION :

The home is one of the greatest institutions in all the world and that cannot be denied.

The home is no worse than man and no better than man.

Certain things should be found within each home if it is going to be the kind of home that it should be.

Please consider the following things.

SION :

**Some things that should be found in every home.**

1. Christian parents (Eph. 6:1).
2. A daily Bible study (2Tim. 2:15).
3. Daily prayer (Lk. 18:1).
. Offering thanks at every meal (Phil. 4:6).
. Love for one another (Col. 3:18-21).
A deep faith in God (Heb. 11:1-6).
Respect for one another (Eph. 6:1-4).
Godly living (Tit. 2:12).
Wholesome activities (Rom. 12:9).
Work or good works (Phil. 2:12).
y and happiness (1 Thess. 5:16).
ope in this world and beyond (Tit. 1:2).

ନକଟକୁ a Home Do You Have?

ବିଶ୍ୱାସୀମା ave a Christian home ?

ଦ୍ୱାରା ଆ ave a godly home?

ଯାଉ କହ you doing to make your home the kind of home that ?

ଲୋକ ଉ me an asset to the community?

(ପ୍ରେରି

ଶିମେ

କରି,

ଧାର

help to strengthen the church?

6. Do you have the kind of home that God is pleased with?

**C. Impove Your Home.**

1. Add these things that have been suggested.
2. Let God live with you and direct you along life's way
3. Follow the divine plan.

CONCLUSION :

1. There are many broken homes as a result of leaving God out.
2. The Lord would have every home to be successful.
3. As an individual work on the things that have been suggested.
4. The Lord will bless your labors, and moreover, he will bless a Christian home.

**- J. C. Choate.**

---

From
**SATYA VANI**
P.o. Box 80
KAKINADA - 533 001
Printed Book only

To

(FOR PRIVATE CIRCULATION ONLY)